Ph : 0674- 2393464
2395979

# BIJU JANATA DAL

Qrs. No. 6R-3, Unit-VI, Bhubaneswar (Odisha)

ପ୍ରେସ୍ ବିଜ୍ଞପ୍ତି

## ଓଡିଶା ଲୋକଙ୍କୁ ଘର ନଦେବାକୁ ଷଡ଼ଯନ୍ତ୍ର କରୁଛି ବିଜେପି: ବିଜେଡି

- **ବିଜେପି ସାଂସଦ ଷଡ଼ଯନ୍ତ୍ର କରି ଅଟକାଇଛନ୍ତି ପିଏମ୍ଏଓ୍ୱାଇ ଘର**
- **ଓଡିଶା ସରକାର, ବିଜେଡି ସାଂସଦଙ୍କ ଚାପରେ ମିଳିଛି ୮ ଲକ୍ଷ ଘର**
- **ବିଜେପି ଷଡ଼ଯନ୍ତ୍ର ଯୋଗୁଁ ୭ ଲକ୍ଷ ଆଦିବାସୀ ଘର ପାଇବାରୁ ବଞ୍ଚିତ**

**ଭୁବନେଶ୍ୱର, ୧୬/୦୪/୨୦୨୩:** ରାଜ୍ୟ ବିଜେପି କିଭଳି ଓଡିଶା ତଥା ଓଡିଆ ବିରୋଧୀ ମନୋଭାବ ପୋଷଣ କରୁଛି ତାହା ଆଜି ରାଜ୍ୟ ବିଜେପି ମୁଖପାତ୍ର ପୃଥୀରାଜ ହରିଚନ୍ଦନଙ୍କ ସାମ୍ବାଦିକ ସମ୍ମିଳନୀରୁ ପଦାରେ ପଡିଯାଇଛି । ଏହାଦ୍ୱାରା ବିଜେପି ଖୋଲାଖୋଲି ଭାବେ ଓଡିଶା ଏବଂ ସାଢେ ୪ କୋଟି ଓଡିଆଙ୍କ ବିକାଶଧାରାକୁ ଅଟକାଇବାକୁ ଚେଷ୍ଟା କରୁଥିବା ଜଣାପଡି ଯାଇଛି । ଓଡିଶାରେ ପିଏମ୍ଏଓ୍ୱାଇ ବିଷୟରେ କହିବା ପୂର୍ବରୁ ସେମାନଙ୍କର କିଛି ଲଜ୍ଜା ରହିବା ଉଚିତ୍ ବୋଲି କହିଛନ୍ତି ବିଜେଡି ପ୍ରବକ୍ତା ସୁଶ୍ରୀ ଇପ୍ସିତା ସାହୁ ।

ବିଜେପି ସାମ୍ବାଦିକ ସମ୍ମିଳନୀର ଜବାବ ଦେଇ ବିଜେଡି ପ୍ରବକ୍ତା ସୁଶ୍ରୀ ସାହୁ କହିଛନ୍ତି ଯେ ଓଡିଶାରେ ପ୍ରାୟ ୧୫ ଲକ୍ଷ ପିଏମ୍ଏଓ୍ୱାଇ ଘର ଆବଶ୍ୟକ ଥିଲା । କିନ୍ତୁ ଦୁର୍ଭାଗ୍ୟବଶତଃ ଓଡିଶା ବିଜେପି ସାଂସଦମାନେ ଦିଲ୍ଲୀରେ ଓଡିଶା ଏବଂ ଏହାର ଲୋକଙ୍କ ସ୍ୱାର୍ଥ ବିରୁଦ୍ଧରେ ଷଡ଼ଯନ୍ତ୍ର ରଚିଥିଲେ ଏବଂ ଲକ୍ଷ ଲକ୍ଷ ପିଏମ୍ଏଓ୍ୱାଇ ଘରକୁ ଅଟକାଇ ଦେଇଥିଲେ । ଓଡ଼ିଶା ସରକାର ଏବଂ ବିଜେଡି ସାଂସଦଙ୍କ ଜବରଦସ୍ତ ଚାପ ଯୋଗୁଁ କେନ୍ଦ୍ର କେବଳ ଆଠ ଲକ୍ଷ ଘର ମଞ୍ଜୁର କରିଥିଲା । ଓଡିଶାର ଆଉ ୭ ଲକ୍ଷ ବାସହୀନ ଲୋକ କୁଆଡେ ଯିବେ ବୋଲି ବିଜେଡି ପ୍ରବକ୍ତା ପ୍ରଶ୍ନ କରିଛନ୍ତି ।

ଶ୍ରୀ ହରିଚନ୍ଦନ ପିଏମ୍ଏଓ୍ୱାଇ ଘର ନେଇ ପ୍ରଶ୍ନ ପଚାରିବା ପରିବର୍ତ୍ତେ ଓଡିଶାର ଆଦିବାସୀ ତଥା ପଛୁଆ ବର୍ଗକୁ ମିଳିବାକୁ ଥିବା ୭ ଲକ୍ଷ ପିଏମ୍ଏଓ୍ୱାଇ ଘରକୁ ଷଡ଼ଯନ୍ତ୍ର କରି ବନ୍ଦ କରିଥିବାରୁ ଓଡିଶା ବିଜେପି ସାଂସଦଙ୍କ ତରଫରୁ କ୍ଷମା ମାଗିବା ଉଚିତ୍ । ବର୍ତ୍ତମାନ ଯେତେବେଳେ ଓଡିଶା ସରକାର ପିଏମ୍ଏଓ୍ୱାଇ କାର୍ଯ୍ୟକାରୀ କରିବାକୁ ଆପ୍ରାଣ ଉଦ୍ୟମ କରୁଛନ୍ତି; ପୁନର୍ବାର ଓଡ଼ିଶା ବିଜେପି ଆଜି ଭଳି ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ମିଥ୍ୟା, ଭିତ୍ତିହୀନ ଏବଂ କପୋଳକଳ୍ପିତ ବିବୃତ୍ତି ଦେଇ ଲକ୍ଷ ଲକ୍ଷ ଓଡିଆଙ୍କୁ ପିଏମ୍ଏଓ୍ୱାଇ ଘର ପାଇବାରୁ ବଞ୍ଚିତ କରିବାକୁ ଷଡ଼ଯନ୍ତ୍ର ଆରମ୍ଭ କରିଦେଇଛି ।

ଓଡିଶା ବିଜେପି ଜାଣିବା ଉଚିତ ଯେ ଓଡିଶାର ଲୋକମାନେ ଭଲଭାବେ ଏହା ଜାଣିଛନ୍ତି ଯେ ଆପଣ ସେମାନଙ୍କ ପିଏମ୍ଏୱାଇ ଘର ଷଡ଼ଯନ୍ତ୍ର କରି ବନ୍ଦ କରିଦେଇଛନ୍ତି । ତେଣୁ ଗତ ଜିଲ୍ଲା ପରିଷଦ ନିର୍ବାଚନରେ ସମସ୍ତ ଜିଲ୍ଲାରେ ସେମାନେ ଆପଣଙ୍କୁ ହରାଇଛନ୍ତି ଏବଂ ବିଜେଡି ୩୦ଟି ଜିଲ୍ଲା ମଧ୍ୟରୁ ୩୦ ଟିରେ ବିଜୟୀ ହୋଇ ରେକର୍ଡ କରିଛି । ଏଭଳି ସାମ୍ବାଦିକ ସମ୍ମିଳନୀ ଓଡିଶାର ୪.୫ କୋଟି ଲୋକଙ୍କୁ ଆହୁରି ବିଶ୍ୱାସ କରାଇବ ଯେ ଓଡିଶା ବିଜେପି ପ୍ରକୃତରେ ସେମାନଙ୍କର ୭ ଲକ୍ଷ ପିଏମ୍ଏୱାଇ ଘର ବନ୍ଦ କରିବା କ୍ଷେତ୍ରରେ ମୁଖ୍ୟ ଷଡ଼ଯନ୍ତ୍ରକାରୀ । ଆଗାମୀ ଦିନରେ ଓଡ଼ିଶାର ଲୋକମାନେ ଏହାର ଉପଯୁକ୍ତ ଜବାବ ଦେବେ ବୋଲି ସୁଶ୍ରୀ ସାହୁ କହିଛନ୍ତି ।

(ଲେନିନ୍ ମହାନ୍ତି)
ମୁଖପାତ୍ର, ବିଜୁ ଜନତା ଦଳ